## ପ୍ରଶାସନର ଉଦ୍ୟମ ସତ୍ତ୍ୱେ ଗ୍ରାମସଭା ଭଣ୍ଡୁର

# ପଞ୍ଚାୟତ ଅଫିସ୍ ସମ୍ମୁଖରେ ଗ୍ରାମବାସୀଙ୍କ ବିରୋଧ

**ରାଉରକେଲା, ୧୯।୧(ସମିସ)**

ବନ୍ଧମୁଣ୍ଡା ପଞ୍ଚାୟତର ଡୁମେରତା ରେଳଷ୍ଟେସନରୁ ବରକାନି ଦେଇ ରାଉରକେଲା ଷ୍ଟିଲପ୍ଲାଣ୍ଟ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ରେଳଲାଇନର ନିର୍ମାଣ କାର୍ଯ୍ୟ ପାଇଁ ଗ୍ରାମସଭା ଡକାଯାଇଥିଲା। ହେଲେ ଗ୍ରାମବାସୀ ବିରୋଧ କରିବାରୁ ଜିଲ୍ଲା ପ୍ରଶାସନ ଦ୍ୱାରା କରାଯାଇଥିବା ସମସ୍ତ ଉଦ୍ୟମ ଭଣ୍ଡୁର ହୋଇଯାଇଛି। ବିଶ୍ରା ବ୍ଲକର ବନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ ହେବାକୁ ଥିବା ଗ୍ରାମସଭାକୁ ଗ୍ରାମବାସୀ ବିରୋଧ କରିଥିଲେ। ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ଦ୍ୱାରା ଶନିବାର ବନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଗ୍ରାମସଭା ଆୟୋଜନ କରିବା ପାଇଁ ରାଉରକେଲା ଉପଜିଲ୍ଲାପାଳ ବିଜୟ ନାୟକ, ରାଉରକେଲା ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର, ଡିଏସ୍‌ପି ନିର୍ମଳ ମହାପାତ୍ର ଏବଂ ରାଉରକେଲା ଇସ୍ପାତ କାରଖାନାର କିଛି ଅଧିକାରୀ ଉପସ୍ଥିତ ଥିଲେ। ବନ୍ଧମୁଣ୍ଡା ପଞ୍ଚାୟତର ଡୁମେରତା ରେଳବାଇ ଷ୍ଟେସନରୁ ବରକାନି ଦେଇ



ରାଉରକେଲା ଷ୍ଟିଲପ୍ଲାଣ୍ଟ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ରେଳଲାଇନର ନିର୍ମାଣ କାର୍ଯ୍ୟକୁ ଆରମ୍ଭ କରିବା ପାଇଁ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଏହି ଗ୍ରାମସଭା ଆୟୋଜନ ହୋଇଥିଲା। ମାତ୍ର ସ୍ଥାନୀୟ ଆଦିବାସୀ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଦ୍ୱାର ବନ୍ଦ କରି ଦେବାସହ ଗ୍ରାମସଭାକୁ ବିରୋଧ କରିଥିଲେ। ତିନିଦିନ ପୂର୍ବରୁ ମଧ ଗ୍ରାମବାସୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ସ୍ମାରକପତ୍ର ଦାଖଲ କରି ଗ୍ରାମସଭାକୁ ବର୍ଜନ କରିଥିଲେ। ତାପରେ ବି ଜିଲ୍ଲା ପ୍ରଶାସନ ଆଜି ଗ୍ରାମସଭା ଆୟୋଜନ କରିଥିଲେ। ହେଲେ ଦୀର୍ଘ ସମୟ ଧରି ବିରୋଧ ପ୍ରଦର୍ଶନ ପରେ ଦିନ ପ୍ରାୟ ୧୨ଟା ସମୟରେ ସମସ୍ତ ପ୍ରଶାସନିକ ଅଧିକାରୀ ନିରାଶ ହୋଇ ଫେରି ଯାଇଥିଲେ। ଏହା ପରେ ବାରକାନି ଏବଂ ଡୁମରତା ଅଞ୍ଚଳରେ ରହୁଥିବା ଇସ୍ପାତ କାରଖାନା କର୍ମଚାରୀମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ବିଶ୍ରା ବ୍ଲକ କାର୍ଯ୍ୟାଳୟର ବୈଠକ ହଲକୁ ନେଇ ଗ୍ରାମ ସଭା ସହ ଜଡିତ କାଗଜ ପତ୍ରରେ ଦସ୍ତଖତ କରିବାକୁ ସରକାରୀ ଚାପ ପ୍ରୟୋଗ କରିଥିଲେ। କିନ୍ତୁ ଆରଏସପି କର୍ମଚାରୀମାନେ ଦସ୍ତଖତ କରିବାକୁ ସିଧା ସଳଖ ମନା କରିଦେଇଥିଲେ। ଏହାପରେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ନିରାଶ ହୋଇ ଫେରି ଆସିଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ଗ୍ରାମବାସୀ ଦିନସାରା ବନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ ପୂର୍ବରୁ ଆଦିବାସୀ ଗ୍ରାମବାସୀ ଏବଂ ପ୍ରଶାସନ ମଧ୍ୟରେ ଚାଲିଥିବା ଜମି ବିବାଦର ସମାଧାନ ହେବ। ତା'ପରେ ହିଁ ନୂଆ ନିର୍ମାଣ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ହେବ। ପୁରୁଣା ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଗ୍ରାମବାସୀ ସେମାନଙ୍କ ଧର୍ମଘଟ ଜାରି ରଖିବେ।

## ନିଖୋଜ ଶିଶୁକନ୍ୟାର ମୃତଦେହ ଉଦ୍ଧାର

# ହତ୍ୟା ସନ୍ଦେହ, ଦମ୍ପତି ଅଟକ

**ରାଉରକେଲା, ୧୯।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ଅଧୀନ ପଙ୍କଡିହି ପଞ୍ଚାୟତର ଜର୍ଡା ଗ୍ରାମରେ ଦୁଇ ଦିନ ତଳେ ନିଖୋଜ ଜଣେ ଶିଶୁ କନ୍ୟାର ମୃତଦେହକୁ ରବିବାର ଉଦ୍ଧାର କରାଯିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁଣ୍ଡିଆ ପୁଲିସ ଏହି ହତ୍ୟାକାଣ୍ଡ ସନ୍ଦେହ ଏକ ଦମ୍ପତିକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

ସୂଚନାଯୋଗ୍ୟ ଯେ ଜର୍ଡା ଗ୍ରାମର ରାଜୁ ମୁଣ୍ଡାଙ୍କ ୪ ବର୍ଷର ଝିଅ ଦୀପାଳି ମୁଣ୍ଡା ଗତ ୧୬ ତାରିଖ ଖେଳିବା ପାଇଁ ଘରୁ ବାହାରକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲା। ଫଳରେ ଘର ଲୋକ ସବୁଆଡେ ଅନେକ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ମିଳି ନ ଥିଲା। ଘରଠାରୁ କିଛି ଦୂରରେ ଚାଷ ଜମିରେ ଥିବା ଏକ ଛୋଟ ନାଳରେ ଶିଶୁ କନ୍ୟାର ଶବ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ଗୁରୁଣ୍ଡିଆ ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ସରକାରୀ ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲା। ଥାନାରେ ରାଜୁ ତାଙ୍କ ଶିଶୁ କନ୍ୟାକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କଲାପରେ ପୁଲିସ ଗୁରୁଣ୍ଡିଆ ଥାନାରେ ଏକ ଅପହରଣ ଓ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଘଟଣାରେ ଜର୍ଡା ଗ୍ରାମର ଏକ ଦମ୍ପତି ସମ୍ପୃକ୍ତ ଥିବା ନେଇ ଗ୍ରାମରେ ଚର୍ଚ୍ଚା ହେବାରୁ ଉତ୍ୟକ୍ତ ଗ୍ରାମବାସୀ ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ପ୍ରବଳ ମାଡ଼ ମାରି ପୁଲିସରେ ଜିମା ଦେଇଥିବା ଜଣାପଡ଼ୁଛି। ପୁଲିସ ସମ୍ପୃକ୍ତ ଦମ୍ପତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ଯୁବକଙ୍କୁ ଆକ୍ରମଣ ; ୨ ଗିରଫ

**ରାଉରକେଲା, ୧୯।୧(ସମିସ):** ଖଣ୍ଡାରେ ଜଣେ ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ବୁରୁଟୋଲା ଅଞ୍ଚଳର ରାଜକୁମାର ଶର୍ମା ଓ ସିଂଟୋଲା ଅଞ୍ଚଳର ରାଜେଶ ତନ୍ତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସିଂଟୋଲା ଅଞ୍ଚଳରେ ରହୁଥିବା ଜଣେ ଯୁବକ ପାନପୋଷ ଅଞ୍ଚଳର ଯୁବକଙ୍କୁ ଠାରୁ କିଛି ଟଙ୍କା ଉର୍ଦ୍ଧାର ନେଇଥିଲେ। ହେଲେ ଆଜିକାଲି କହି ଟଙ୍କା ଫେରସ୍ତ କରୁ ନ ଥିଲେ। ତେବେ ଟଙ୍କା ଦେଇଥିବା ଯୁବକ ଜଣକ ନିଜ ସହଯୋଗୀମାନଙ୍କୁ ଏକ ଅଟୋରେ ଧରି ଗତ ୯ ତାରିଖ ରାତି ପ୍ରାୟ ୧୨ଟା ବେଳେ ସମ୍ପୃକ୍ତ ଯୁବକଙ୍କ ଘରେ ଯାଇ ପହଞ୍ଚି ଥିଲେ। ଘର ଆଗରେ ଭିଡ଼ ଦେଖି ଟଙ୍କା ନେଇଥିବା ଯୁବକ ଜଣକ ନିଜ ସହଯୋଗୀମାନଙ୍କୁ ଡକାଇବା ସହ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ଅଟୋ ଚାଳକ ଶିବା କୁମ୍ଭାର ଗୁରୁତର ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ଟେମ୍ପୋ- ସ୍କୁଟି ଧକ୍କା; ଜଣେ ଆହତ

**ରାଉରକେଲା, ୧୯।୧(ସମିସ):** ଉଦିତ୍‌ନଗର ଥାନା ଅଧୀନ ବାସନ୍ତୀ କଲୋନୀ ଓଭରବ୍ରିଜ୍‌ଠାରେ ମାଲବାହୀ ଅଟୋ ଓ ସ୍କୁଟି ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି। ଫଳରେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ରବିବାର ଅପରାହ୍ନବେଳେ ଛେଣ୍ଡ ଅଞ୍ଚଳର ଆଦିତ୍ୟ ରାଉତ ସ୍କୁଟିରେ ବାସନ୍ତୀ କଲୋନୀ ଆଡ଼କୁ ଯାଉଥିଲେ। ବିପରୀତ ଦିଗରୁ ମାଲବାହୀ ଅଟୋ ଯୋଗେ ଗୋପବନ୍ଧୁପାଲି ଅଞ୍ଚଳର ବିନୋଦ ମହତୋ ଉଦିତନଗର ଆଡ଼କୁ ଆସୁଥିଲେ। ତେବେ ବ୍ରିଜ ଉପରେ ଦୁଇ ଗାଡି ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ସ୍କୁଟି ଚାଳକ ଆଦିତ୍ୟ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# କୁକୁରଙ୍କ ଉତ୍ପାତ; ଶିଶୁ ଆହତ

**ରାଉରକେଲା, ୧୯।୧(ସମିସ):** ସହରରେ ଦିନକୁ ଦିନ ବୁଲା କୁକୁର ଆତଙ୍କ ବୃଦ୍ଧି ପାଇବାରେ ବସିଲାଣି। ବାସନ୍ତୀ କଲୋନୀ ସ୍ଥିତ କନିକା ମଣ୍ଡପ ଛକରେ ରବିବାର ଜଣେ ଶିଶୁ ଅପରାହ୍ନରେ ସାଇକଲରେ ଟିଉସନକୁ ଯାଉଥିଲେ। ଉକ୍ତ ଛକଠାରେ ଏକ କୁକୁରପଲ ତାକୁ ଦୌଡ଼ାଇ ଥିଲେ। ଫଳରେ ସେ ରାସ୍ତାରେ ପଡ଼ି ଆହତ ହୋଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ କୁକୁର ପଲକୁ ଘୋଡ଼ାଇବା ସତ୍ତ୍ୱେ ଯାଇ ନ ଥିଲେ। ପରେ ଲୋକେ ସଂଘବଦ୍ଧ ହୋଇ ପଥର ମାରିବାରୁ ଶିଶୁ ଠାରୁ କୁକୁର ପଲ ଅଲଗା ହୋଇଯାଇଥିଲେ। ନଚେତ୍ ଶିଶୁକୁ କାମୁଡି ରକ୍ତାକ୍ତ କରି ଦେଇଥାନ୍ତେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଶିଶୁକୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଥିବା ଜଣାପଡ଼ିଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କୁତ୍ରା, ୧୯ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡ଼ାସ୍ଥିତ ଡାଲମିଆ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟରେ ଆତ୍ମପ୍ରଶିକ୍ଷଣ କମିଟି ଦ୍ୱାରା ଉଭୟ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକର ଯୁକ୍ତଦୁଇ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇ ଯାଇଛି। ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷା ଲକ୍ଷ୍ମୀକଲ୍ୟାଣ ପାଇକରାୟ ଯୋଗଦେଇ ଥିଲେ। କମିଟିର ଉପଦେଷ୍ଟା ପଙ୍କଜିନି ପଟେଲ, ଅନିତା କିସାନ, ମହମ୍ମଦ ହମିଦ, ମମତା ମାଝୀ ତଥା କମିଟିର ପୂର୍ବତନ ଉପଦେଷ୍ଟା ଡ. ତବସୁମ ବାନୋ ଏହି ଶିବିରକୁ ପରିଚାଳନା କରିଥିଲେ। ଡାଲମିଆ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ପ୍ରଶିକ୍ଷିକା ଅସୀମା କୁଜୁର, ଅର୍ଚ୍ଚନା ଗଡ୍ତିଆ, ମମତା ନାଏକ ଓ ଅଶିପା ଡୁଙ୍ଗଡୁଙ୍ଗ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିବା ସହିତ ଛାତ୍ରୀମାନଙ୍କୁ ଏପରି କାର୍ଯ୍ୟକ୍ରମରେ ଯୋଗଦେବାକୁ ଉତ୍ସାହିତ କରିଥିଲେ।

# ପୂର୍ବତନ ଫୁଟବଲ ଖେଳାଳି ଅନିମେଶ ଚୌଧୁରୀଙ୍କ ଦେହାନ୍ତ



**ରାଉରକେଲା, ୧୯।୧(ସମିସ):** ପୂର୍ବତନ ଜାତୀୟସ୍ତରୀୟ ଫୁଟବଲ ଖେଳାଳି ଅନିମେଶ ଚୌଧୁରୀଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱର୍ଗତ ଅନିମେଶ ୧୯୮୧ ରୁ ୧୯୯୬ ପର୍ଯ୍ୟନ୍ତ ରାଉରକେଲା ଇସ୍ପାତ କାରଖାନା ଟିମ୍ ପକ୍ଷରୁ ଫୁଟ୍‌ବଲରେ ଖେଳୁଥିଲେ। ସେ ଜୁନିୟର ଇଣ୍ଡିଆ, ୱାରୀ ଆଥଲେଟିକ୍ କ୍ଲବ୍ କଲିକତା, ଆରିୟନ କ୍ଲବ୍ କୋଲକତା ଟିମ୍ ରେ ଖେଳି ନିଜର ଚମତ୍କାର ପ୍ରତିଭା ପ୍ରତିପାଦନ କରିଥିଲେ। ସେ ତାଙ୍କର ସିଆଇଏସଏଫ୍ ଚାକିରିରୁ ଅବସର ନେବା ପରେ କଲିକତାର ଅଶୋକନଗରରେ ରହୁଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ତାଙ୍କ ବଡ ଭାଇ ସମରେଶ ଚୌଧୁରୀ ଜଣେ ଆନ୍ତର୍ଜାତିକ ଫୁଟବଲ ଖେଳାଳି ଅଟନ୍ତି। ତାଙ୍କର ମୃତ୍ୟୁରେ ଚନ୍ଦ୍ରଶେଖର କ୍ରୀଡା ସଂଗଠନର ସମ୍ପାଦକ ଦେବଦତ୍ତ ଜେନା, ବୁଟୁ ଖାଡିଆ ହିମାଦ୍ରୀ ବରୁଆ, ଜର୍ଜ କୁଲୁ, କମଳ ଦତ୍ତ, ସଞ୍ଜୟ ବେବୁତା, ଆଶିଷ ସାହା ଜୀବନ ଏକ୍କା, ନିଖିଳ କଳାକାର ପ୍ରଧାନ ପ୍ରମୁଖ ସଦ୍‌ଗତି କାମନା କରିଛନ୍ତି।

# ଡୁମକେଲାରେ ଟୁସୁ ମିଳନ ପର୍ବ



**ରାଉରକେଲା, ୧୯।୧(ସମିସ):** ଡୁମକେଲା ସ୍କୁଲପଡ଼ିଆରେ ଟୁସୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ ଏବଂ ସମ୍ମାନିତ ଅତିଥି ଭାବେ ବିମଳ ବିଶି ଓ ମୁଖ୍ୟବକ୍ତା ପ୍ରବୀର୍ କୁମାର ଦୁବେ ଯୋଗଦେଇଥିଲେ। ଏଥିରେ ୬ଟି ଟୁସୁ ମା'ଙ୍କ ମୂର୍ତ୍ତି ଯୋଗଦେଇଥିଲେ। ମହିଳାମାନଙ୍କ ମଧ୍ୟରେ ମକର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହଂଶିକା ସମାଶି ଗ୍ରୁପ ପ୍ରଥମ, ରିତିକା ସମାଶୀ ଗ୍ରୁପ ଦ୍ୱିତୀୟ ଓ ଆରତୀ ଖାଡ଼ିୟା ଗ୍ରୁପ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମା'ଙ୍କ ପ୍ରତିମୂର୍ତ୍ତି ପ୍ରତିଯୋଗିତାରେ ଅନମୟୀ ସୁନ୍ୟାନି ପ୍ରଥମ, ହନସିତା ସମାଷୀ ଦ୍ୱିତୀୟ ଓ ଆରତୀ ଖାଡିଆ ତୃତୀୟ ସ୍ଥାନ ହାସଲ କରିଥିଲେ। ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପଦେଷ୍ଟା ପ୍ରେମଚାନ୍ଦ ପଶାୟତ, ସଭାପତି ଜଗେଶ୍ୱର ପଶାୟତ, ସମ୍ପାଦକ ବଳରାମ ସାମାସି ମଧ ଉପସ୍ଥିତ ଥିଲେ। ପ୍ରେମଚାନ୍ଦ୍ ପଶାୟତ ଧନ୍ୟବାଦ୍ ଦେଇଥିଲେ।

# ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନର ସମ୍ମିଳନୀ

**ରାଉରକେଲା, ୧୯।୧(ସମିସ):** ଏଫ୍‌ଏମ୍‌ଆରଆଇ ଓ ସିଆଇଟିୟୁ ସହ ସହବନ୍ଧିତ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ୨୦ ତମ ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ସଂଗଠନର ପତାକା ଉତ୍ତୋଳନ କରିଥିଲେ। ସମ୍ମିଳନୀକୁ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଦେଶ ତମାମ ଶ୍ରମ କୋର୍ଡକୁ କାର୍ଯ୍ୟକାରୀ କରିବାକୁ ଜୋରଦାର ବିରୋଧ କରୁଥିଲାବେଳେ ସରକାର ଜୋର ଜବରଦସ୍ତ ଏହାକୁ ଦେଶରେ ଲାଗୁ କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଦେଶବ୍ୟାପୀ ପୁଣିଥରେ ଦେଶବ୍ୟାପୀ ରାଜ ରାସ୍ତାକୁ ଆସିବେ। ପୁଞ୍ଜିପତିମାନଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ଦେଶର ଶ୍ରମିକ ଶ୍ରେଣୀକୁ କ୍ରିତଦାସ କରିଦେବାକୁ ମୋଦୀ ସରକାର ଯେଉଁ ଅପଚେଷ୍ଟା କରିଛନ୍ତି ତାହାକୁ ଶ୍ରମିକ ଶ୍ରେଣୀ କେବେ ବି ବରଦାସ୍ତ କରିବ ନାହିଁ। ଏହି ସାଂଗଠନିକ ସମ୍ମିଳନୀରେ ଅନ୍ୟତମ ବକ୍ତା ଭାବରେ ସି ଆଇଟିୟୁ ଜିଲ୍ଲା ସମ୍ପାଦକ ରାଜ କିଶୋର ପ୍ରଧାନ ବକ୍ତବ୍ୟ ରଖି ଔଷଧ ଶିଳ୍ପରେ କାମ କରୁଥିବା ସେଲ୍ସ ରିପ୍ରେଜେଣ୍ଟେଟିଭମାନେ ଅଧିକ ସଂଘବଦ୍ଧ ହୋଇ ନିଜର ସମସ୍ୟା ସମାଧାନ କରିବା ସହିତ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ। ସମ୍ମିଳନୀରେ ମୁଖ୍ୟବକ୍ତା ଓ ଏସଆରୟୁର ଓଡ଼ିଶା ରାଜ୍ୟ କମିଟି ସାଧାରଣ ସମ୍ପାଦକ ସତ୍ୟବ୍ରତ ମହାପାତ୍ର ଆଗାମୀ ଦିନରେ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ଶ୍ରେଣୀ ଉପରେ କରୁଥିବା ଆକ୍ରମଣ ସମ୍ପର୍କରେ ସଚେତନ ପାଇଁ ଆହ୍ୱାନ କରିଥିଲେ। ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ଜୟମିତ ଆଜମିରା ସଭାପତିତ୍ୱ କରିଥିଲେ ଓ ଜିଲ୍ଲା ସମ୍ପାଦକ ଯଶୋବନ୍ତ ବେହେରା ବାର୍ଷିକ ସମ୍ପାଦକୀୟ ରିପୋର୍ଟ ଓ କୋଷାଧକ୍ଷ ଲଳିତ କୁମାର ସ୍ୱାଇଁ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ଜୟମିତ ଆଜମିରା, ଉପସଭାପତି ନିହାର ରଞ୍ଜନ ସାମନ୍ତରାୟ, ସମ୍ପାଦକ ଯଶୋବନ୍ତ ବେହେରା, କୋଷାଧକ୍ଷ ଲଳିତ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିବାବେଳେ ଜିଲ୍ଲା କମିଟିକୁ ମନୋରଞ୍ଜନ ମହାନ୍ତି, ସଞ୍ଜୟ ବିଶୋଇ, ଯୋଗେଶ୍ୱର ସିଂହ, ମୁକେଶ ମିଶ୍ର, ପିକେ ପୃଷ୍ଟି, ସଞ୍ଜୀବ ବେହେରା, ସୁଜିତାବ ପରିଡ଼ା, କୃଷ୍ଣଚନ୍ଦ୍ର ଛୋଟରାୟ, ଅମିତ୍ ଦାସ, ମହେଶ ବେହେରା ଓ ପ୍ରକାଶ ମହାନ୍ତି ପ୍ରମୁଖ ନିର୍ବାଚିତ ହୋଇଥିଲେ।




# ଧାମରା ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ରାଉରକେଲା, ୧୯।୧(ସମିସ):** ରାଉରକେଲାର ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଧାମରା ସଂଘରେ ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଅବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦାନ କରିଥିଲେ। ଧାମରା ସଂଘର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ଉପ ସଭାପତି ଜୟନ୍ତ କୁମାର ମିଶ୍ର ଯୋଗ ଦେଇ ସାହିତ୍ୟ, ସଂସ୍କୃତି, ସମାଜିକ କ୍ଷେତ୍ରରେ ଧାମରା ସଂଘର ଅବଦାନ ରାଉରକେଲା ପାଇଁ ସର୍ବଦା ଅବିସ୍ମରଣୀୟ ବୋଲି କହିଥିଲେ। ସଂଘର ଉପ ସଭାପତି ନିତ୍ୟାନନ୍ଦ ବିଶ୍ୱାଳ ସ୍ୱାଗତଭାଷଣ ଦେଇଥିବାବେଳେ ସଂଘର ସମ୍ପାଦକ ରମାକାନ୍ତ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ୯୨ ଜଣ ନୃତ୍ୟରେ, ସଙ୍ଗୀତରେ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଗୁରୁ ଜ୍ୟୋତର୍ମୟ ଆଚାର୍ଯ୍ୟ, ତପସ୍ୱିନୀ ପତି, ରିନାରାଣୀ ସ୍ୱାଇଁ, ରେଣୁବାଳା ପରିଡ଼ା, ପ୍ରମିତା ମହାପାତ୍ର, ଦେବେନ୍ଦ୍ର ପଲେଇ ଯୋଗଦାନ କରିଥିଲେ। ଜଗନ୍ନାଥ ରାଉତ, ଅମୂଲ୍ୟ ସେଠୀ, ସୂର୍ଯ୍ୟମଣି ପଣ୍ଡା, ନିରୁପମା ନାୟକ ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସାହିତ୍ୟ ସମ୍ପାଦିକା ନିରୁପମା ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ



**ବଣାଇଁ, ୧୯।୧(ସମିସ):** ବଣାଇଁ ସହରସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ବଣାଇ ୟୁଥ୍ କ୍ଲବ ଆନୁକୂଲ୍ୟରେ ୧୫ତମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀ ସୋନାଲି ସିଂ ପରମାର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ କୋରାପୁଟ, ସମ୍ବଲପୁର, ବ୍ରହ୍ମପୁର, ଭୁବନେଶ୍ୱର, ଅନଗୁଳ, ରାୟଗଡ଼ା, ସୁନ୍ଦରଗଡ଼, ରାଉରକେଲା ଇତ୍ୟାଦି ବିଭିନ୍ନ ଜିଲ୍ଲାରୁ ୨୪ ଯୋଡ଼ି ବ୍ୟାଡମିଣ୍ଟନ ଖେଳାଳି ଏଥିରେ ସାମିଲ ହୋଇଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ ଆଶୁତୋଷ ଦାସ, ଏସ୍‌ଏନ୍‌ଜେନା ଭରସେସ ସୌରଭ ଦାସ୍, ଆଲଟାମାସ ଆରଜୁ ମଧ୍ୟରେ ଖେଳ ହୋଇଥିଲା। ଓଡ଼ିଶା ଷ୍ଟେଟ୍ ବ୍ୟାଡମିଣ୍ଟନ ସଂଘର ଖେଳ ଶିକ୍ଷକ ପ୍ରମିତ କୁମାର ମାହାନ୍ତି, ଭରତ କୁମାର ସାହୁ, ପରାଗ ପ୍ରଧାନ, ମୁକୁଲ ଗୁରୁଙ୍ଗ ଖେଳ ପରିଚାଳନା କରିଥିଲେ। ୟୁଥ୍‌କ୍ଲବର ସଭାପତି ଏନ୍ ଆଦି ନାରାୟଣ, ସମ୍ପାଦକ ସିରାଜ ଖାନ୍, ଉପ ସଭାପତି କୁନା ଭୁକ୍ତା, ବରିଷ୍ଠ ସଦସ୍ୟ ପ୍ରଭାତ ସ୍ୱାଇଁ, ରାଜେନ୍ଦ୍ର ଆଚାର୍ଯ୍ୟ, ପପୁନ ମାଝୀ, ତାରକ ମାହାନ୍ତ, ଜୀତେନ୍ଦ୍ର ଦେଓ, ଜୟନ୍ତ ପ୍ରଧାନ, ଦିଲୀପ ଦିବେଦି ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିରେ 'ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ' କାର୍ଯ୍ୟକାରୀ

**ରାଉରକେଲା, ୧୯।୧(ସମିସ)**

ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମ୍‌ଏଚ୍‌ପି)ର ଉଦ୍ୟୋଗୀ କର୍ମଚାରୀମାନେ ଅଗ୍ନି ନିର୍ବାପନ ପମ୍ପ ହାଉସରେ ଏକ ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ଡିଜାଇନ୍ ଏବଂ କାର୍ଯ୍ୟକାରୀ କରିଛନ୍ତି। ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଭାର ପରିଚାଳନା କ୍ଷମତା ବହନ କରୁଥିବା ଏହି ପମ୍ପ ହାଉସ୍‌ରେ ମୋଟର ଓ ପମ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ସ୍ଥାନାନ୍ତରକୁ ସରଳ କରିବା ସଙ୍ଗେସଙ୍ଗେ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖିଛି। ବିଭାଗୀୟ ସିଜିଏମ୍ ଆତିଶ ଚନ୍ଦ୍ର ସରକାର ଡିଟାଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ୍ ସୁବିଧାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆର୍‌ଏମ୍‌ଏଚ୍‌ପି ବିଭାଗର ଜିଏମ୍ ଇନ୍‌ଚାର୍ଜ ଜୟଦୀପ ସେଠୀ, ଜିଏମ୍ ମେକାନିକାଲ ମାଧୋ ବାନ୍ରା, ଜିଏମ୍ ଅପରେସନ ବି. ପ୍ରଭାକର ସେଣ୍ଡେ, ଜିଏମ୍ ଇଲେକ୍ଟ୍ରିକଲ ମନୋଜ କୁମାର ଗିରି, ବିଭାଗର ଜିଏମ୍ ପ୍ରସନ୍ନ କୁମାର ନାୟକ, ଡିଜିଏମ ପ୍ରସନ୍ନଜିତ୍ ରାୟ ଏବଂ ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରସନ୍ଜିତ ରାୟଙ୍କ ନେତୃତ୍ୱରେ ଗଠିତ ଦଳ ଡିଟେଚେବଲ୍ ମୋନୋ ଚ୍ୟାନେଲ୍ ହୋଷ୍ଟ ବିକଶିତ କରିଛନ୍ତି। ଉଲ୍ଲେଖନୀୟ ଯେ, ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ସୁନିଶ୍ଚିତ କରିବାରେ ଅଗ୍ନି ନିର୍ବାପକ ପମ୍ପ ହାଉସ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ପମ୍ପ ଏବଂ ମୋଟରଗୁଡ଼ିକୁ ସର୍ବଦା କାର୍ଯ୍ୟକ୍ଷମ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ବ୍ୟତୀତ, ସଂକୀର୍ଣ୍ଣ ସ୍ଥାନରେ ଏପରି ଉପକରଣଗୁଡ଼ିକୁ ପରିଚାଳନା କରିବାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦୁର୍ଘଟଣାର ଆଶଙ୍କା ମଧ ସୃଷ୍ଟି କରୁଥିଲା। ହୋଷ୍ଟ ସର୍ବନିମ୍ନ ମାନବସମ୍ବଳ ସହିତ ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡ଼ିକର ଦକ୍ଷ ଏବଂ ସୁରକ୍ଷିତ ସ୍ଥାନାନ୍ତରଣକୁ ସକ୍ଷମ କରୁଛି। ହୋଷ୍ଟର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ପୃଥକୀକରଣ, ୧୦ ମିନିଟ୍ ମଧ୍ୟରେ ଶୀଘ୍ର ନିଷ୍କାସନ କରିହୁଏ ଏବଂ ଏହାକୁ ପୋର୍ଟେବଲ୍ ଭାବରେ ଅନ୍ୟ ସ୍ଥାନରେ ଉପଯୋଗ ନିମନ୍ତେ ସ୍ଥାନାନ୍ତର ମଧ କରିହେବ। ଏହି ନବସୃଜନ ସାମଗ୍ରୀ ପରିଚାଳନାର ପାରମ୍ପରିକ ସମସ୍ୟାକୁ ଦୂର କରିବ ଏବଂ ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବ ବୋଲି କୁହାଯାଇଛି।



## ପ୍ରଶାସନ ଶୁଣିଲାନି; ରାସ୍ତା ତିଆରି କଲେ ଗ୍ରାମବାସୀ



ବାଲିଶଙ୍କରା,୧୯।୧(ସମିସ): ଗ୍ରାମକୁ ସବୁଦିନିଆ ଭଲ ରାସ୍ତା ନ ଥିବାରୁ ଗ୍ରାମବାସୀ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ନ ଶୁଣିବାରୁ ପଡ଼ାବାସୀ ନିଜ ହାତରୁ ଟଙ୍କା ଖର୍ଚ୍ଚକରି ଖାଲଖମା ରାସ୍ତାକୁ ମରାମତି କରିଛନ୍ତି। ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ ଆମ୍ବପଡ଼ା ଠାରୁ ମଝାପଡା ରାସ୍ତାକୁ ଯିବା ପାଇଁ ଭଲ ରାସ୍ତା ନଥିବାରୁ ଗ୍ରାମବାସୀ ହଇରାଣ ହରକତ ହେଉଥିଲେ। ବର୍ଷାଦିନେ ଖାଲଖମା ସହ ଚିକଟା ମାଟି ଯୋଗୁଁ ବିଦ୍ୟାଳୟକୁ ଯିବାପାଇଁ ଛାତ୍ରଛାତ୍ରୀ ନାହିଁନ ଥିବାର ଅସୁବିଧାର ସମ୍ମୁଖୀନ ହେଉଥିଲେ। ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ପଞ୍ଚାୟତ, ବ୍ଲକ୍, ଜିଲ୍ଲାପାଳ ଅଭିଯୋଗ ଶୁଣାଣିରେ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ନିର୍ମାଣ ନ ହେବାରୁ ମଝାପଡ଼ା ଗ୍ରାମର ଇଡିଶନ ତିର୍କୀଙ୍କ ନେତୃତ୍ୱରେ ବିରାଜ ଏକ୍କା, ରାକେଶ ଏକ୍କା, ଜନସନ ତିର୍କୀ, ସୁମିତ ମିଞ୍ଜ, ସୁରଜ ଲାକ୍ରା, ଏରିକ ଲାକ୍ରା ଖାଲଖମା ରାସ୍ତା ନିର୍ମାଣ କରିଥିଲେ। ଏପରି ପଦକ୍ଷେପ ଯୋଗୁଁ ଆମ୍ବପଡ଼ା ଓ ମଝାପଡ଼ା ବାସୀ ତଥା ସଉନାମରା ପଞ୍ଚାୟତରୁ ପ୍ରଶଂସାର ସୁଅ ଛୁଟିଛି। ଅପରପକ୍ଷେ ପ୍ରଶାସନର ଅବହେଳା, ଅପାରଗତା ପାଇଁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହି ରାସ୍ତା ତୁରନ୍ତ ପିଚୁ କରା ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ପଡ଼ାବାସୀ ଚେତାବନୀ ଦେଇଛନ୍ତି।

### ପ୍ରଧାନଶିକ୍ଷକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

# ଆନ୍ଦୋଳନ ପାଇଁ ସଜବାଜ ଗ୍ରାମବାସୀ

ସୁନ୍ଦରଗଡ଼,୧୯।୧(ସମିସ)

ସୁନ୍ଦରଗଡ଼ ସଦର ବ୍ଲକ୍ ଅଧୀନ କବାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ବୁଡ଼ାଙ୍କ ବିରୋଧରେ ଅଭିଭାବକ ତଥା ଗ୍ରାମବାସୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରେ ଲିଖିତ ଭାବେ ଅଭିଯୋଗ ଆଣିଥିଲେ। ଉକ୍ତ ଅଭିଯୋଗର ତଦନ୍ତ ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉ ନ ଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏପରିକି ସେମାନେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚଳାଇ ଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ପ୍ରଧାନଶିକ୍ଷକ ଦିଲୀପ ବୁଡ଼ା ଦୀର୍ଘ ବର୍ଷରୁ କବାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସ୍ଥାପିତ ଅଛନ୍ତି। ସେ ବିଦ୍ୟାଳୟରେ ମନମୁଖୀ କାର୍ଯ୍ୟ କରି ଆସୁଥିବାବେଳେ ଛାତ୍ର ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ସୁଧୁରିବା ପାଇଁ ଅନେକ ସୁଯୋଗ ଦିଆ ଯାଇଥିଲେ ମଧ୍ୟ ତାଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ଘଟୁନାହିଁ। ଥରେ ଜଣେ ଛାତ୍ରଙ୍କୁ ସେ ଶକ୍ତ ଚାପୁଡ଼ା

### ତଦନ୍ତରେ ସୀମିତ କାର୍ଯ୍ୟାନୁଷ୍ଠାନ

ମାରିବାରୁ ଛାତ୍ର ଜଣକ ୨ ଦିନ ପର୍ଯ୍ୟନ୍ତ ଖାଦ୍ୟ ଖାଇ ପାରି ନ ଥିଲେ। ତାଙ୍କ ଅଭିଭାବକ ଏ ନେଇ ସ୍କୁଲ ପରିଚାଳନା କମିଟି ପାଖରେ ଅଭିଯୋଗ କରିଥିଲେ। ପ୍ରଧାନଶିକ୍ଷକ ସେତେବେଳେ ଆଉ କୌଣସି ଛାତ୍ର ଛାତ୍ରୀଙ୍କୁ ମାଡ଼ ମାରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାର ପୁନରାବୃତ୍ତି ଘଟି ଚାଲିଛି। ଉକ୍ତ ଘଟଣା ପରେ ଅନ୍ୟଜଣେ ଛାତ୍ରଙ୍କୁ ସେ କ୍ରିକେଟ ଷ୍ଟମ୍ପରେ ପିଟିଥିଲେ। ଏଥିରେ ଛାତ୍ରଙ୍କ ମୁଣ୍ଡ ବୁଲାଇ ବାନ୍ତି ମଧ୍ୟ ହୋଇଥିଲା। ଉକ୍ତ ଘଟଣାରେ ଛାତ୍ରଙ୍କ ଏମ୍ଆରଆଇ ପରୀକ୍ଷା କରାଇ ସମସ୍ତ ଔଷଧ ଖର୍ଚ୍ଚ ବହନ କରିଥିଲେ।

ଉକ୍ତ ସରପଞ୍ଚଙ୍କ ସମେତ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଆଉ କେବେ ବି ଛାତ୍ର ଛାତ୍ରୀମାନଙ୍କୁ ମାରପିଟ୍ କରିବେ ନାହିଁ ବୋଲି ପୁନର୍ବାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ପ୍ରତିଶ୍ରୁତି ପାଣିର ଗାର ହୋଇଛି। ପରବର୍ତ୍ତୀ ସମୟରେ ଆଉ ଜଣେ ଛାତ୍ରୀଙ୍କୁ ମାଡ଼ ମାରିବାରୁ ସେ ସ୍କୁଲ ଯାଉନାହାନ୍ତି। ପ୍ରଧାନଶିକ୍ଷକ ପିଲାଙ୍କୁ ଖରାପ ଭାଷାରେ ଗାଳି କରୁଛନ୍ତି। ଅପରପକ୍ଷରେ, ବିଦ୍ୟାଳୟକୁ ଆସୁଥିବା ସରକାରୀ ଅନୁଦାନର ହିସାବ କମିଟି ପାଖରେ ଦେଖାଉ ନାହାନ୍ତି। ଗତ ନଭେମ୍ବର ୨୫ ତାରିଖରେ ଗ୍ରାମର ଶେଷଦେବ ନାଏକ, ଜୟଦେବ ଭୈଷାଲ, ରିନା ନେଟୀ , ଭୁମତି ପ୍ରଧାନ, ନୟନି ପଟେଲ, ଝରଣା ମେହେର, ପୁଷ୍ପାଞ୍ଜଳି ଭୈ÷ଷାଲ, ମମତା ଡ଼ିଲା, ଭାରତୀ ଡିଲା, ସବିତା ମେହେର, ସିପ୍ରା ପଟେଲ, ପ୍ରଦୀପ ଡ଼ିଲା ପ୍ରମୁଖ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରେ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ଏହାର ତଦନ୍ତ ହୋଇଛି। ତଦନ୍ତରେ ସତ୍ୟତା ପ୍ରମାଣିତ ହୋଇଥିଲେ ହେଁ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଅଭିଯୋଗ ସମ୍ପର୍କରେ ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କ ପ୍ରତିକ୍ରିୟା ଲୋଡିବା ପାଇଁ ଉଦ୍ୟମ କରା ଯାଉଥିଲେ ହେଁ ସମ୍ଭବପର ହୋଇ ନାହିଁ।

## ଗାଡ଼ି ଧକ୍କାରେ ବୃଦ୍ଧା ମୃତ

ସୁନ୍ଦରଗଡ଼,୧୯।୧(ସମିସ): ସୁନ୍ଦରଗଡ଼ ସଦର ଥାନା ଅଧୀନ ରସରାଜପୁର ଚେରମା ନିକଟରେ ରାସ୍ତା ପାରି ହେଉଥିବା ଜଣେ ବୃଦ୍ଧାଙ୍କୁ କୌଣସି ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ତଳସରା ଥାନା ଅନ୍ତର୍ଗତ ଶାଗଜୁରି ଗ୍ରାମର ସେରୋଫିନା ଲାକ୍ରା ତାଙ୍କ ଝିଅ ଘର ଚେରମା ଗ୍ରାମକୁ ଆସିଥିଲେ। ତେବେ ସେ ଚାଲି ଚାଲି ରାସ୍ତା ଅତିକ୍ରମ କରୁଥିବା ବେଳେ ରବିବାର ସକାଳେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରହିଛି।

## ବରିଷ୍ଠ ସାମ୍ବାଦିକ ଉମାକାନ୍ତଙ୍କ ପରଲୋକ



ସୁନ୍ଦରଗଡ଼/ରାଉରକେଲା,୧୯।୧(ସମିସ): ସୁନ୍ଦରଗଡ଼ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଉମାକାନ୍ତ ଭିତ୍ରିଆ (ବୁଲୁ)ଙ୍କ ୫୯ ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ହେବ ସେ ଦୁରାରୋଗ୍ୟରେ ପୀଡ଼ିତହୋଇ ଚିକିତ୍ସିତ ହେଉଥିଲେ। ରବିବାର ଭୋର୍ ପ୍ରାୟ ୩ଟା ସମୟରେ ରାଉରକେଲା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ପ୍ରାଣତ୍ୟାଗ କରିଥିଲେ। ପୂର୍ବାହ୍ନରେ ତାଙ୍କ ମରଶରୀରକୁ ସୁନ୍ଦରଗଡ଼ ପ୍ରେସ୍କ୍ଲବ ପ୍ରାଙ୍ଗଣକୁ ଅଣାଯାଇ କ୍ଲବ ପକ୍ଷରୁ ଶେଷ ସମ୍ମାନ ପ୍ରଦର୍ଶନ କରା ଯାଇଥିଲା। ଏହାପରେ ତାଙ୍କ ଭିତ୍ରିଆପଡ଼ାସ୍ଥିତ ପୈତୃକ ବାସଭବନକୁ ନିଆଯାଇ ଅନ୍ତିମଦର୍ଶନ ପରେ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଉମାକାନ୍ତଙ୍କ ପୋଷ୍ୟ ପୁତ୍ର ପ୍ରିନ୍ସ ଭିତ୍ରିଆ ମୁଖାଗ୍ନି ଦେଇଥିଲେ। ଉମାକାନ୍ତ ୯୦ ଦଶକରେ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ। 'ସମ୍ବାଦ'ର ସୁନ୍ଦରଗଡ଼ ଜିଲ୍ଲା ପ୍ରତିନିଧି ଭାବେ ଅନେକ ବର୍ଷ କାର୍ଯ୍ୟ କରିଥିବାବେଳେ ପରେ 'ପ୍ରମେୟ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦାୟିତ୍ୱ ତୁଲାଇ ଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ବେଶ ସୁନାମ ଅର୍ଜନ କରିଥିଲେ। ଉମାକାନ୍ତଙ୍କ ସନ୍ତାନ ସନ୍ତତି ନ ଥିବାରୁ ସେ ପ୍ରିନ୍ସଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ରଉରକେଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବୃତ୍ତି ପ୍ରଦାନ

ରାଉରକେଲା, ୧୯।୧(ସମିସ): ରାଉରକେଲାର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଛେଣ୍ଡ କଲୋନୀ ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ନବଘନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂତନ ସଦସ୍ୟତା ଗ୍ରହଣ କରିଥିବା ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁବାସ ମହାପାତ୍ର ଏବଂ ବିଶ୍ୱନାଥ ଜେନା ପରିଚାଳନା କରିଥିଲେ। ସୁନ୍ଦରଗଡ଼ ସରକାରୀ ନର୍ସିଂ କଲେଜର ରୁପାଲି ଦାସ, ସାଗରିକା ସାହୁ, ସୁପ୍ରଭା ନାୟକ, ସୁପ୍ରିୟା ନାଥ, ଜ୍ୟୋତଶ୍ରୀ ଆଚାର୍ଯ୍ୟ, ଦିବ୍ୟଜ୍ୟୋତି ଦାସ ଏବଂ ସ୍ୱିଟିଧଳ ପ୍ରମୁଖ ସାତ ଜଣ ଛାତ୍ରୀଙ୍କୁ ଲକ୍ଷ୍ମଣ ନାଥ ଦାସଙ୍କ ସହଯୋଗରେ ଆମେରିକାର ନର୍ଥ ସାଉଥ୍ ଫାଉଣ୍ଡେସନ ବୃତ୍ତି ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ନବଘନ ସାହୁଙ୍କ ସହ ଆଲୋକ କବି ଶତପଥୀ, ପ୍ରଦୀପ ସାହୁ, ଶଙ୍କର ପ୍ରସାଦ ତ୍ରିପାଠୀ, ଡାକ୍ତର ଗୋକୁଳାନନ୍ଦ ସାହୁ, ବିଜୟ ମହାନ୍ତି ପ୍ରମୁଖ ବିଶିଷ୍ଟ ଅତିଥି ମାନେ ମଞ୍ଚାସୀନ ଥିଲେ। ହରିହର ନାୟକ, କୈଳାସ ଚନ୍ଦ୍ର ସାମଲ, ରବି ନାରାୟଣ ସିଂହ, ସତ୍ୟ ନାରାୟଣ ପଣ୍ଡା, ଅଶୋକ ଶୁକ୍ଳ, ଧ୍ରୁବ ଚରଣ ନାୟକ, ପ୍ରକାଶ ମହାନ୍ତି ପ୍ରମୁଖ ସହାୟତା କରିଥିବା ବେଳେ ଶତାଧିକ ସଦସ୍ୟ ସପରିବାର ଯୋଗ ଦେଇଥିଲେ। ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତା

## ନବଜୀବନ ଓ ଟାଉନ କ୍ଲବ୍ ବିଜୟୀ



ସୁନ୍ଦରଗଡ଼,୧୯।୧(ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଓ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ଼ ଡିଏଏ ଷ୍ଟାଡିୟମରେ ଚାଲିଥିବା ସିଏମ୍ ଟ୍ରଫି ୟୁ -୧୫ ବାଳକ ଇଣ୍ଟର କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ ସମ୍ପନ୍ନ ହୋଇଛି। ଜିଲ୍ଲା କ୍ରୀଡ଼ା ସଂସଦର ଉପ ସଭାପତି ବିମଳ ବୋଷ, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ଶକ୍ତି ସିଂ, ମେରିଜନ ବାଗେ, ମନିଷା ତିର୍କୀ, ସରିତା ତିର୍କୀ ଅତିଥି ଭାବେ ଯୋଗ ଦେଇ ଖେଳର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ନବଜୀବନ କ୍ଲବ ଓ ସଂଘର୍ଷ କ୍ଲବ, ବାଲିଶଙ୍କରା ମଧ୍ୟରେ ହୋଇଥିଲା। ଏଥିରେ ନବଜୀବନ କ୍ଲବ ୬-୦ ଗୋଲରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ ଟାଉନ କ୍ଲବ ଓ ଶିବ ଶକ୍ତି କ୍ଲବ ମଧ୍ୟରେ ହୋଇଥିବା ବେଳେ ଏଥିରେ ଟାଉନ କ୍ଲବ ୯-ଗୋଲରେ ବିଜୟୀ ହୋଇଥିଲା। ରେଫରୀ ସୁଶାନ୍ତ କିସାନ, ରାଜେଶ କିସାନ, ଲିଙ୍କନ ପଧାନ ଓ ହିତେଶ ସା ଖେଳ ପରିଚାଳନା କରିଥିଲେ। ନିତ୍ୟକୁମାର ବଳ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ।

### ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଆଦିବାସୀ କ୍ଲବ ଓ ରାଉରକେଲା ସ୍ପୋର୍ଟସ ଆସୋସିଏସନ୍ ବିଜୟୀ



ରାଉରକେଲା, ୧୯।୧(ସମିସ): ଜିଲ୍ଲା ଖେଳକୁଦ ସଂଘ ପକ୍ଷରୁ ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍ ଠାରେ ରବିବାର ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଆଇକନିକ ଟର୍ଫ କ୍ଲବ୍ ଓ ଆଦିବାସୀ କ୍ଲବ୍ ବନ୍ଧମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଆଦିବାସୀ କ୍ଲବ୍ ବନ୍ଧମୁଣ୍ଡା ୨ ଗୋଲରେ ବିଜୟ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ନିଲକମଲ୍ ଏଫସି ଲାଠିକଟା ଓ ରାଉରକେଲା ସ୍ପୋର୍ଟସ ଆସୋସିଏସନ୍ ମଧ୍ୟରେ ହୋଇଥିବା ବେଳେ ରାଉରକେଲା ସ୍ପୋର୍ଟସ ଆସୋସିଏସନ୍ ୪ ଗୋଲରେ ବିଜୟ ହାସଲ କରିଥିଲା। ରେଫରୀ ଭାବେ ରାଜକୁମାର ପାଣିଗ୍ରାହୀ, ସନିକା ତିର୍କି, ହେମନ୍ତ ହାଁସଦା ଓ ଅନିଲ ମହତୋ ପ୍ରମୁଖ ଓ ମ୍ୟାଚ୍ କମିଶନର ଭାବେ ରୋସନ ଖାନ ଯୋଗ ଦେଇଥିଲେ। ଅତିଥି ଭାବେ ବିର୍ସା ମୁଣ୍ଡା ହକି ଓ ଆଥଲେଟିକ ଷ୍ଟାଡିୟମ୍ ଏଏଫଏମ୍ ସମ୍ବିତ ତ୍ରିପାଠୀ ଓ ଦିନେଶ କୋଇଲା ପ୍ରମୁଖ ଯୋଗ ଦେଇଥିଲେ।

## ବସୁନ୍ଧରା ଡିଏଭି ସ୍କୁଲରେ ଆତ୍ମରକ୍ଷା କୌଶଳ ଶିବିର

ହେମଗିରି,୧୯।୧(ସମିସ): ଏମ୍ସିଏଲ୍ ବସୁନ୍ଧରାସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଏକଦିବସୀୟ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ସ୍ୱାଇଁ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସୁଦକ୍ଷ ପ୍ରଶିକ୍ଷକ ଲକ୍ଷପତି ପଶାୟତ ଛାତ୍ରଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳର ତାଲିମ୍ ପ୍ରଦାନ କରିଥିଲେ।ଶିକ୍ଷାର୍ଥୀମାନେ କିପରି ନିଜକୁ ନିଜେ ସୁରକ୍ଷିତ କରିବେ ତା'ସହିତ ବର୍ତ୍ତମାନ ପରିପ୍ରେକ୍ଷୀରେ ଆତ୍ମ ସୁରକ୍ଷାର ତାଲିମ୍ ନେବା ଜରୁରୀ ବିଷୟରେ ପ୍ରଶିକ୍ଷକ ବିଭିନ୍ନ ଉଦାହରଣ ଦେଇ ସମସ୍ତଙ୍କୁ ବୁଝାଇଥିଲେ।



## ପ୍ରଧାନଶିକ୍ଷକଙ୍କ ବ୍ଲକ୍ସ୍ତରୀୟ ଆଲୋଚନା



ବଣାଇଁ,୧୯।୧(ସମିସ) : ବଣାଇଁ ବ୍ଲକ୍ ବନ୍ଧ ଭୁଇଁ ଜେନାମଣି ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ତ୍ରୟୋଦଶତମ ବ୍ଲକସ୍ତରୀୟ ମାସିକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବଣାଇଁ ବ୍ଲକ୍ ସମସ୍ତ ଉଚ୍ଚ ବିଦ୍ୟାଳୟର ୨୧ ଜଣ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ। ଏମ୍ଆଇଏସ୍ ମାନସ ରଞ୍ଜନ ପଟେଲ୍ ଓ କେରିଅର କାଉଁସେଲିଂ ସଂସ୍ଥା ତରଫରୁ ସୋନାଲି ଉପସ୍ଥିତ ଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏଲଇପି ଉତ୍କର୍ଷ କାର୍ଯ୍ୟକ୍ରମ, ଖାନ ଏକାଡେମୀ ମୁଖ୍ୟମନ୍ତ୍ରୀ ପୁରସ୍କାର ଏବଂ ଦଶମଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ବାର୍ଷିକ ପରୀକ୍ଷାରେ ଚାପ ହ୍ରାସ ସହ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କରେଇପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଛନ୍ଦାଚରଣ ଡଗରା ମଞ୍ଚ ପରିଚାଳନା କରିଥିବାବେଳେ ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୂରଲୀଧର ବାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟରେ ଥିବା ସ୍ମାର୍ଟକ୍ଲାସ ରୁମ, ଇ-ଲାଇବ୍ରେରୀ, ବିଜ୍ଞାନଗାର, ପାଠାଗାର ଶୌଚାଳୟ ପରିଦର୍ଶନ କରିଥିଲେ।

### ସିପିଆଇର ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ

# ୫ସୂତ୍ରୀ ସାଂଗଠନିକ ପ୍ରସ୍ତାବ ଗୃହୀତ

ସୁନ୍ଦରଗଡ,୧୯।୧(ସମିସ)




ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସୁନ୍ଦରଗଡ଼ ଜିଲ୍ଲା ସାଂଗଠନିକ ସମ୍ମେଳନ ରବିବାର ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ସେହିପରି ଧୀନତା ସଂଗ୍ରାମରେ ପାର୍ଟିର କମ୍ୟୁନିଷ୍ଟଙ୍କ ଭୂମିକା, ସ୍ୱାଧୀନତା ପରେ ସମସ୍ତ ବର୍ଗର ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି ଆନ୍ଦୋଳନ, ଖାଦ୍ୟ ସୁରକ୍ଷା ଆଇନ ଆସିବାରେ କମ୍ୟୁନିଷ୍ଟ ମାନଙ୍କ ଭୂମିକା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ପାର୍ଟିର ସାଥୀ ମାନଙ୍କ ନିଃସ୍ୱାର୍ଥ ସଂଗ୍ରାମ ଆଗାମୀ ଦିନରେ ଦେଶରେ ସମାଜବାଦ ପ୍ରତିଷ୍ଠା କରିବା ପାଇଁ ପଥ ପ୍ରଦର୍ଶନ କରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ଦାଶ ପାର୍ଟିର କ୍ୟାଡରମାନେ ସଂଯମତା ର ସହ ସଂଗଠନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ଜୋନ୍ ସମ୍ପାଦକ ସଦାନନ୍ଦ ସାହୁ, ହେମଗିର୍ ଜୋନ୍ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ, ଟାଙ୍ଗରପାଲି ଜୋନ୍ ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟ, ଲେଫ୍ରିପଡ଼ା ଜୋନ୍ ସମ୍ପାଦକ ଦେବାନନ୍ଦ ବାଦଲ, ବଡ଼ଗାଁ ଜୋନ୍ ସମ୍ପାଦକ ଦେଓ କରଣ ବାଘ ପ୍ରମୁଖ ନିଜ ନିଜ ଜୋନ୍ର ସାଙ୍ଗଠନିକ ସ୍ଥିତି ଓ ଆଗାମୀ ଦିନର ପ୍ରସ୍ତାବ ଉପସ୍ଥାପନା କରିଥିଲେ। ଜିଲ୍ଲା ସହ ସମ୍ପାଦକ ଶୁକଦେବ ପଧାନ, ମାତିଲଦା କୁଲୁ, ଶ୍ରମିକ ନେତା କମଳ ଷଣ୍ଢ , ଅନୁପମ ଦତ, ପୁରବୀ ନାଏକ, ରମେଶ ଜୟପୁରିଆ, ଅଖିଳ ମାଝୀ, ଗୋବିନ୍ଦ କୁଜୁର, ଘନଶ୍ୟାମ ବନଛୋର, ପ୍ରଦୀପ ମହାନନ୍ଦିଆ , ପଙ୍କଜିନି ମାଝୀ, ପୁଷ୍ପା ସା, ଗୋଲାପି ବନଛୋର, ମମତା ସା, ମନୋଜ ଦାଶ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ପ୍ରସ୍ତାବମାନ ରଖିଥିଲେ। ମଙ୍ଗଳ ସାହୁ, ଦଶରୁ କିଶାନ ପ୍ରମୁଖ ଜନ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଆଗାମୀ ଦିନରେ କ୍ୟାଡରମାନେ ତତ୍ପରତା ଦେଖାଇବାକୁ ହେବ ବୋଲି କହିଥିଲେ। ଜିଲ୍ଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ଏକ ୫-ସୂତ୍ରୀ ସାଂଗଠାନିକ ପ୍ରସ୍ତାବ ଆଗତ କରିଥିବାବେଳେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

## ଦିବ୍ୟଜୀବନ ସଙ୍ଘ ପକ୍ଷରୁ ଗୀତା ଆବୃତ୍ତି ଓ କୁଇଜ୍ ପ୍ରତିଯୋଗିତା



ରାଉରକେଲା, ୧୯।୧(ସମିସ): ଦିବ୍ୟଜୀବନ ସଂଘ ଇସ୍ପାତନଗର ଶାଖା ରାଉରକେଲା ତରଫରୁ ଏକ ଗୀତା ଆବୃତ୍ତି ଓ ଗୀତା କୁଇଜ୍ ପ୍ରତିଯୋଗିତା ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୪୫୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ଏବଂ ୩୬ ଜଣ ଛାତ୍ରଛାତ୍ରୀଙ୍କୁ ଏକ ବିଶେଷ ଆଧ୍ୟାତ୍ମିକ ସମାବେଶରେ ପୁରସ୍କୃତ କରାଯାଇଥିଲା। ଏହି ସମାବେଶରେ ଋଷିକେଶର ବରିଷ୍ଠ ସ୍ୱାମୀଜୀ ଦେବ ଭକ୍ତାନନ୍ଦ ସରସ୍ୱତୀ ମହାରାଜା ଯୋଗଦେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଶ୍ରଦ୍ଧାଳୁଙ୍କୁ ଭଗବତ ଆଶୀର୍ବାଦ ପ୍ରଦାନ ସହ ଜୀବନର ମୂଲ୍ୟବୋଧ ଉପରେ ମାର୍ଗଦର୍ଶନ କରିଥିଲେ। ସଂସାରରେ ରହି ଅନେକ ଆକର୍ଷଣକୁ ଦୁରେଇ ପଦ୍ମପତ୍ରରେ ପାଣି ଭଳି ନିଜକୁ ନିଷ୍କାମ ରଖିବା ସହ ବାପା, ମାଆ, ଗୁରୁ, ଗୁରୁଜନ, ମାତୃଭାଷା ଓ ମାତୃଭୂମିକୁ ଭକ୍ତି ଓ ସମ୍ମାନ ଦେବାଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟଜୀବନ ସଂଘର ବରିଷ୍ଠ ସ୍ୱାମୀଜୀ ବ୍ରହ୍ମ ସାକ୍ଷାତକାର ନନ୍ଦ ସରସ୍ୱତୀ ମହାରାଜା ଯୋଗ ଦେଇ କହିଲେ ସରଳ ଓ ଆଧ୍ୟାତ୍ମିକ ମାର୍ଗରେ ଜୀବନ ଅତିବାହିତ କରିବା ସତ୍ ଓ ଆଧ୍ୟାତ୍ମିକ ମାର୍ଗରେ ଜୀବନକୁ ଅତିବାହିତ କରିବା ବେଳେ ଅନେକ ଝଡ଼ ଓ ଝଞ୍ଜାର ସମ୍ମୁଖୀନ ହେବାକୁ ପଡିଲେ ମଧ୍ୟ ବିଭୁ କୃପାରୁ ସେସବୁର ଅନ୍ତ ଘଟି ସୁଡ଼ଙ୍ଗ ଶେଷରେ ସୂର୍ଯ୍ୟୋଦୟର ଆନନ୍ଦ ଉପଲବ୍ଧ ହୋଇଥାଏ। ଦିବ୍ୟଜୀବନ ସଂଘ ଇସ୍ପାତନଗର ଶାଖାର ସମସ୍ତ ଟ୍ରଷ୍ଟି, ସଦସ୍ୟଙ୍କ ସହଯୋଗ ସହ ସଭାପତି ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ, ସମ୍ପାଦକ ତ୍ରିଲୋଚନ ପଣ୍ଡା, ରାମକୃଷ୍ଣ ତ୍ରିପାଠୀ, ଗିରିଧାରୀ ସ୍ୱାଇଁ, ନରସିଂହ ରଥ, ସାରଦା ପ୍ରସାଦ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, ସିମାଞ୍ଚଳ ଦୀକ୍ଷିତ, ଶିଶିର ପାଣିଗ୍ରାହୀ, ରାମଚନ୍ଦ୍ର ମିଶ୍ର ଓ ମନୋଜ କବିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳ ହେବା ସହ ଉପସ୍ଥିତ ସମସ୍ତଙ୍କ ହୃଦୟରେ ଅପାର ଶାନ୍ତି ଓ ଆନନ୍ଦ ପ୍ରଦାନ କରିଥିଲା।

